ପୁରୀରେ କୋକେନ ଚୋରଙ୍କ ଦଣ୍ଡ

ହକର ନେଧରଙ୍କ ମକଦ୍ଦମା

ଇନ୍‌ସ୍ପେକ୍ଟରଙ୍କ କ୍ଷମା ଭିକ୍ଷା

ପୁରୀ, ତା ୭।୮।୩୫

ଗତ ୪ ତାରିଖରେ 'ସମାଜ'ର ହକର ନେଧରଙ୍କ ମକଦ୍ଦମାର ଉଲ୍ଲେଖ ଥିଲା । ଉକ୍ତ ଥାନାର ଜଣେ ସବୁଇନ୍‌ସ୍ପେକ୍ଟର ଓ ନେଧରଙ୍କ ଅନଧିକାର ପ୍ରବେଶ ଯୋଗୁଁ ଯୋ ହୋଇ । ମାଡ଼ ହୋଇଥିବା ଇନ୍‌ସ୍ପେକ୍ଟର ଓ ନେଧର ଉଭୟଙ୍କ ବିରୁଦ୍ଧରେ ରାଜିନାମା ଦାଖଲ ହେଲା । ମାଜିଷ୍ଟ୍ରେଟଙ୍କ ସାମନାରେ ଇନ୍‌ସ୍ପେକ୍ଟର ବାବୁ ୫ ୫୦୯ ନଗଦ ଦେଲେ ଏବଂ ଦୋଷ ମାଗିବାରୁ ମୋକଦ୍ଦମା ରଫା ହୋଇ ଯାଇଅଛି ।

ଝୁଲଣ ଆୟୋଜନ

ପୁରୀରେ ଝୁଲଣ ସବାସୋଷ୍ଠବ ଆୟୋଜନ ଚାଲିଲେଣି । ଗ୍ରାମ ଓ ମଫସଲର ନାନା ଅଞ୍ଚଳରୁ ଯାତ୍ରୀଦଳ ଆସି ଜୁଟି ହେଉଛନ୍ତି ।

ରେଲୱେ ପଞ୍ଜେଲ ଓ କୋକେନ ଧରା ହୋଇଅଛି

ଏହିମଧ୍ୟରେ ପୁରୀ ଷ୍ଟେସନ, ପୁରୀ ପୋଷ୍ଟ-ଅଫିସ, କଟଣୀ ଷ୍ଟେସନ ଓ ପୋଷ୍ଟ ଅଫିସ ବ୍ରାଞ୍ଚରୁ ପ୍ରାୟ ୧୦।୧୨ ସେର କେଶୀ ଗଞ୍ଜେଇ ଓ ୪।୫ ଭରି କୋକେନ ଲୋକମାନେ ଅନୁବେକ ସମୟରେ ବାବୁ ଶ୍ୟାମନାରାୟଣ ସିଂହ ମେନେଜର ଧରି ସେମାନଙ୍କ ନାମରେ ମକଦ୍ଦମା ଦେଇଥିଲେ । ସେମାନଙ୍କର ଦଣ୍ଡବିଧାନ ହେଲେ ସଜା ହୋଇଗଲା । ଦଶ ବର୍ଷ ତଳେ ଯେତେବେଳେ ପୁରୀରେ କୋକେନ ପ୍ରବଳ ଥିଲା ସେତେବେଳେ ଏହି ସ୍ପେଷ୍ଟ ବାବୁ ଏଠାରେ ଥିଲେ । ବର୍ତ୍ତମାନ ସ୍ପେଷ୍ଟ ବାବୁ ପୁରୀରେ ରହିବାରୁ ଗଞ୍ଜେଇ ଓ କୋକେନ ବ୍ୟବସାୟୀମାନଙ୍କ ମଧ୍ୟରେ ମହାଆତଙ୍କ ଉପସ୍ଥିତ ହୋଇଅଛି ।

ପୁରୀ ସେବାସମିତି କାର୍ଯ୍ୟ

ଏହିମଧ୍ୟରେ ପୁରୀ ସେବା ସମିତିର ସ୍ୱେଚ୍ଛାସେବକମାନେ ୪ ଗୋଟି ଅନାଥ ଶବ ସତ୍କାର କରିଅଛନ୍ତି ଓ ୧୦ ଗୋଟି ରୋଗୀ ସେବା କରିଅଛନ୍ତି । ହାଇଦ୍ରାବାଦ ଜନୈକ ଡାକ୍ତର ତୁଳସୀରାମ ରୋଗୀମାନଙ୍କ ଶୁଶ୍ରୂଷା ଦେଖିବାର ସେହି ସ୍ଥାନରେ କଲେରା ରୋଗରେ ପୀଡ଼ିତ ହେବା ପରେ ସମାନ ମୁକ୍ତସ୍ୱର ସଂଗଠନ ଓ ମାସୁଣି ଦାସ ୨ ଜଣଙ୍କ ସେବା କରି ଅଛନ୍ତି ।

ବାଇସ୍‌କୋପ ଧୂମ

ପୁରୀରେ ତୁଇଟି ବାଇସ୍‌କୋପ ଖେଳ ଦେଖାଉଅଛନ୍ତି । ଗୋଟିଏ ଟାଉନ ଥାନା ପାଖରେ ଓ ଗୋଟିଏ ମେଡ଼ିକାଲ ସ୍କୁଲ ପାଖରେ । ଟାଉନ ଥାନା ପାଖରେ ଥିବାଟି ପୁରୁଣା ହେଲା ଓ ଅନ୍ୟଟି ଏକମାସ ହେଲା ପ୍ରତ୍ୟେକ ଦିନ ଖେଳ ଦେଖାଉଛନ୍ତି । ଏମାନେ ପୁରୀରୁ ବହୁତ ପଇସା ନେଲେଣି । ବାଇସ୍‌କୋପ ଦେଖିବା ଲୋଭରେ ପିଲାମାନେ ସବୁ ବାପ ମାଙ୍କର ପଇସା ଲୁଚାଇ ଚୋରି କରି ନେଇ ଯାଉଛନ୍ତି । ଏହିପରି ଅନେକ ଅଭିଯୋଗ ଶୁଣାଯାଉଛି । ଲୋକେ ଟାଙ୍କ ପିଲାଙ୍କ ହାତରେ ପଇସା ଦେଇ ଜିନିଷ ସଉଦା କରିବାକୁ ଭୟ କରୁଅଛନ୍ତି । ଅଧିକାଂଶ ବେଳେ ଖେଳ ଦେଖିବା ସମୟରେ ଖେଳବାଲା ଓ ଦେଖଣାହାରୀଙ୍କ ଭିତରେ କଳି ତକରାଳ ହେଉଅଛି । ବର୍ତ୍ତମାନ ଗୋଟିଏ ଦେଖଣାହାରୀ ଓ ମୋହୋସ୍ପି ବାଇସ୍‌କୋପବାଲାଙ୍କ କଳି ହୋଇ ମକଦ୍ଦମା ରୁଜୁ ହୋଇଛି । ସାଧାରଣଙ୍କ ଧନହାନି ଓ ଗଣ୍ଡଗୋଳରୁ ରକ୍ଷା କରିବା ସକାଶେ ପୁରୀ କଲେକ୍ଟର ତୁଇ ବାଇସ୍‌କୋପ ପୁରୀରୁ ଶୀଘ୍ର ବିଦାୟ କରିବାର ବ୍ୟବସ୍ଥା କରିବେ କି ?

—

ଟେଙ୍ଗାଇରେ ବାଘ ଉପଦ୍ରବ

୩ ଜଣ ଲୋକ ଆହତ

ବୈଶ୍ୟ, ତା ୭।୮।୩୫

ଗାଇ ଜୁଲାଇ ୨୪ ତାରିଖରେ ସେଠାରେ ବଣ ମହାବଳ ବାଘ ସକାଳ ହୋଇଯିବାରୁ ବଣକୁ ଯାଇ ନ ପାରି କେନାଲ ବନ୍ଧ ପାଖ ବୁଦାମାନଙ୍କ ମଧ୍ୟରେ ଲୁଚି ଲୁଚି ଅସୁ ଅସୁ ରେଲ୍‌ୱେ ଅଫିସରଙ୍କ ହତା ଭିତରେ ପହଞ୍ଚିଲା । ସେଠାରେ ମନୁଷ୍ୟ ଶବ୍ଦ ବାଘ କେନାଲ ପାର ହୋଇ ବୈଶ୍ୟ ସ୍କଳ୍ପ ଅନ୍ୟତ୍ର କେନାଲ ପୋଲଠାରେ ପହଞ୍ଚିଲା । ସେଠାରେ ପ୍ରଥମେ ଗୋଟିଏ ପିଲାକୁ କାମୁଡ଼ି ପକାଇଲା । ଏହି ଘଟଣାରେ ଲୋକମାନେ ଗହଳ ପକାଇଲେ । ବାଘ ଉଚ୍ଚ ଗର୍ଜ୍ଜନ କରି ପଳାଇ ଅସି ବୈଶ୍ୟ ଡାକବଙ୍ଗଳା ପାଖ ବୁଦା ମଧ୍ୟରେ ପଶିଲା । ଗ୍ରାମାସ୍ଥ ଲୋକମାନେ ଦାରୋଗାଙ୍କ ହତାପାଖରେ ଏକଥା ଜଣାଇ ତେଲିଗ୍ରାମ କଲେ । ସବୁକାଳେ ସାଢ଼େ ୧୧ଟାରେ ମଟର ଯୋଗେ ପହଞ୍ଚିଲେ । ସେତେବେଳକୁ ବାଘ କେନାଲ ପାର ହୋଇ ବୈଶ୍ୟ ରେଲଷ୍ଟେସନ ପାଖ ବୁଦା ମଧ୍ୟରେ ପଶିଥିଲା । ଏହି ସମୟ ମଧ୍ୟରେ ସ୍ଥାନ ଉତ୍ତର ବନ୍ଦ ହୋଇଥିଲା । ଶିକାର ବ୍ୟବସ୍ଥା ହେବାରୁ ପ୍ରାୟ ୨ ଶହ ଲୋକ ନାନାପ୍ରକାର ବାଦ୍ୟନାଦ କରି ବାଘକୁ ବୈଶ୍ୟ ଅଞ୍ଚଳରୁ ତଡ଼ି ଅଣିଲେ । ଜଣେ ଶିକାରୀ ଗୁଳିକଲେ ବାଘର ଜଙ୍ଘ ଭାଙ୍ଗିବାରୁ ବାଘ ଫେରିଆସି ପଡ଼ିଅଛି ଆଉ ୨ ଜଣ ଲୋକଙ୍କୁ କାମୁଡ଼ି ବିଦାରି ପକାଇଲା । ଏହି ଆହତ ଲୋକ ତିନିଙ୍କ ଚିକିତ୍ସା କରାଯାଉଛି । ଡାକ୍ତରଖାନାରୁ ମଟର ଯୋଗେ ଜଅଯାଇ ଚିକିତ୍ସା କରାଗଲା । ସେମାନେ ଅସି କଟକ ଡାକ୍ତରଖାନାରେ ଅଛନ୍ତି ।

ଅଞ୍ଚ ମଧ୍ୟରୁ ଯୁବରାଜ ପ୍ରଭୃତି ଜମିଦାରମାନେ ଅସି ବାଘ ମାରିବାର ବ୍ୟବସ୍ଥା କରୁଛନ୍ତି । ବାଘ ସେହି ନିକଟବର୍ତ୍ତୀ ଜଙ୍ଗଲରେ ବୁଲୁଥିବାର ଶୁଣାଯାଉଛି । ମେସ୍ତ ସଂସ୍ଥାରେ ବାଘର ଗର୍ଜ୍ଜନ ମଧ୍ୟ ଶୁଣାଯାଉଛି । ବୈଶ୍ୟରେ ସାଗର ବାଘର ବଡ଼ ଉତ୍ପାତ ପଡ଼ିଛି ।

—

ବମ୍ବେରେ ନୂଆଦଳ

ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟ କରିବେ

ବମ୍ବେ, ତା ୭।୮।୩୫

ଗତକାଲି ବମ୍ବେ କରପୋରେସନ ବୈଠକରେ କଂଗ୍ରେସ ପକ୍ଷ ମେମ୍ବରମାନେ ବମ୍ବେ କଂଗ୍ରେସ ମ୍ୟୁନିସିପାଲିଟି ଦଳ ବୋଲି ଗୋଟିଏ ନୂଆ ଦଳ ଗଢ଼ିଛନ୍ତି । ଏ ଦଳରେ ନଟେଶ ଦାସ ମାଷ୍ଟର ସଭାପତି ଏବଂ ଏସ, କେ, ପାଟିଲ ସେକ୍ରେଟେରି ହୋଇଛନ୍ତି । ୯ ଦଳର ଲକ୍ଷ୍ୟ ହୋଇଛି ଯେ ଏମାନେ ସମସ୍ତେ ସ୍ୱଦେଶୀ ବ୍ୟବହାର କରିବେ ଏବଂ ଅସ୍ପୃଶ୍ୟତା ନିବାରଣ ପାଇଁ କାର୍ଯ୍ୟ କରିବେ ।

—

ହାଇକୋର୍ଟରେ ଡାକ୍ତରଙ୍କ ଯନ୍ତ୍ର

ଖଣ୍ଡା ହେଲା

ସାକ୍ଷୀ ଏବଂ ଜଜଙ୍କ କଥା ସମସ୍ତେ ପରିଷ୍କାର ଶୁଣି ପାରିବେ

କଲିକତା, ତା ୭।୮।୩୫

ସୋମବାର ଦିନ ନୂଆ ହୋଇ କଲିକତା ହାଇକୋର୍ଟରେ ନୂତନ ଡାକ୍ତରୀ ଯନ୍ତ୍ର ଲଗା ହୋଇଛି । ଗୋଟିଏ ଜଜମାନଙ୍କ ଆଗରେ ଏବଂ ଅନ୍ୟଟି ସାକ୍ଷୀ ଗେରଦ ଆଗରେ ବସା ହୋଇଛି । ଫଳରେ ଜଜ୍‌ମାନେ ଯାହା କହିବେ ଏବଂ ସାକ୍ଷୀମାନେ ଯାହା ଜବାବବନ୍ଦୀ ଦେବେ ସେସବୁ ଉପସ୍ଥିତ ସମସ୍ତେ ବେଶ ପରିଷ୍କାର ଶୁଣି ପାରିବେ ।

—

କଟକରେ ଦୁର୍ଘଟଣା

ମାରଣା ଗାଈ ମାଡ଼ ଦୁଇଟି ପିଲା ଆହତ

(ପତ୍ର ପ୍ରେରକଙ୍କ ଠାରୁ)

ଚଉଦ୍ଧାର, ତା ୮।୮।୩୫

ଏ ବସ୍ତିର ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ଦୁଇଟି ଝିଅ କାଲି ପ୍ରାୟ ସକାଳ ୧୦ଟା ସମୟରେ ବଣିଅଣ୍ଟ ଗଳିରୁ ବଡ଼ ରାସ୍ତାକୁ ଆସିବା ସମୟରେ ମାଧବବାବୁ (ଅବସର ପ୍ରାପ୍ତ ଡେପୁଟି) ଙ୍କର ଗୋଟିଏ ମାରଣା ଗାଈ ହଠାତ୍ ଆସି ଏ ପିଲା ଦୁଇଟିଙ୍କୁ ଭୁଷିବାକୁ ଲାଗିଲା । ଉକ୍ତ ସ୍ଥାନରେ କେତେକ ଲୋକ ଥିଲେ କିନ୍ତୁ କେହି ବାଳିକା ଦୁଇଟିଙ୍କ ରକ୍ଷା କରିବାକୁ ସାହସ କଲେ ନାହିଁ । ଶେଷରେ ଦୁଃଖ ବାମନ ନାମକ ଜଣେ ଲୋକ କୌଶଳ କରି ପିଲାଙ୍କୁ ଟାଣି ଅଣିଲା । ଗାଈ ବଡ଼ ପିଲାଟିକୁ ତଳେ ପକାଇ ଦେଇ ତାକୁ ମାଡ଼ି ଚକଟି ଦେଇ ଓ ତା ମୁଣ୍ଡ କାଲକୁ ଭୁଷିବା ଦେଖି ଲୋକମାନେ ଆସିଲେ । ଏ ଘଟଣାର ସଙ୍ଗେ ସଙ୍ଗେ ପିଲାଟି ବେହୋସ୍ ହୋଇଗଲା । ଲୋକମାନେ ବହୁ କଷ୍ଟରେ ଗାଈଟିକୁ ଛଡ଼ାଇ ଦେଇ ପିଲାଟିକୁ ଉଠାଇ ନେଲେ । ତାର ସମସ୍ତ ଅବସ୍ଥା ଦେଖି ବାଳିକାଟିର ଚେତା ହେଲା । କିନ୍ତୁ ସେ ବର୍ତ୍ତମାନ ଶଯ୍ୟାଶାୟୀ । ସାନ ପିଲାଟି ମଧ୍ୟ ସାମାନ୍ୟ ଆଘାତ ପ୍ରାପ୍ତ ହୋଇଛି । ଏବେ ଏତଦ୍ଦନ ପୂର୍ବେ ଏ ଗାଈ ଆଉ ଗୋଟିଏ ପିଲାକୁ ଭୁଷି ଦେଇଥିଲା । ଏପରି ମାରଣା ଗାଈକୁ ଘରେ ରଖିଲେ ତାକୁ କାହାରିକୁ ନ ଛାଡ଼ି ଘରେ ବାନ୍ଧି ରଖିବା ଉଚିତ, ନଚେତ୍ ଏହି ବାଳିକାମାନଙ୍କ ପରି ଅନେକେ ଆଘାତ ପାଇବେ । ଆଶାକରୁ ମିଶ୍ର ମହାଶୟ ଏଥିକି ସାବଧାନ ହେବେ ଓ ବାଳିକା ଦୁଇଟିଙ୍କର ଚିକିତ୍ସାର ସମ୍ପୂର୍ଣ୍ଣ ଭାର ନେବେ ।

—

ଲାହୋରରେ ଶ୍ରୀଯୁକ୍ତ ଟଣ୍ଡନ

ଲାହୋର, ତା ୫।୮।୩୫

ଶ୍ରୀଯୁକ୍ତ ପୁରୁଷୋତ୍ତମ ଦାସ ଟଣ୍ଡନ କାଲି ସକାଳେ ଏଠାରେ ଆସି ପହଞ୍ଚିଛନ୍ତି । ଲୋକସେବକ ମଣ୍ଡଳର କାର୍ଯ୍ୟ ଉପଲକ୍ଷେ ସେ ଏଠାରେ ଏକ ସପ୍ତାହ ରହିବେ ।

—

ବିଜ୍ଞାପନ

ଆସନ୍ତା ଶନିବାର ୧୦।୮।୩୫ ତାରିଖ ସନ୍ଧ୍ୟା ୭ଘଣ୍ଟା ବେଳେ ଶ୍ରୀ ଜଗନ୍ନାଥ ଭବନଠାରେ ଉତ୍କଳ ସାହିତ୍ୟ ସମାଜର ଗୋଟିଏ ବିଶେଷ ଅଧିବେଶନ ହେବ । ତହିଁରେ ଶ୍ରୀଯୁକ୍ତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଦ୍ୱାରା ସ୍ୱର୍ଗତ କବି ନନ୍ଦକିଶୋର ବଳଙ୍କ ତୈଳଚିତ୍ର ଉନ୍ମୋଚିତ ହେବ । ଅଧ୍ୟାପକ ଶ୍ରୀଯୁକ୍ତ ପ୍ରାଣକୃଷ୍ଣ ପରିଜା ଏମ, ଏ, ଆଇ, ଇ,ଏସ, ସଭାପତି ହେବେ । ଉତ୍କଳ ସାହିତ୍ୟ ସମାଜର ସଭ୍ୟ ଓ ସର୍ବ ସାଧାରଣଙ୍କ ସାନୁରୋଧ ଯୋଗଦାନ ଏକାନ୍ତ ପ୍ରାର୍ଥନୀୟ ।

ନିବେଦକ

ଶ୍ରୀ ବଇକୁଣ୍ଠଚରଣ ପଟ୍ଟନାୟକ

ସହକାରୀ ସମ୍ପାଦକ

—

ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଏଥିର କେହି ଶ୍ରୀ ରାମଚନ୍ଦ୍ର ଭବନ ଲାଇବ୍ରେରୀର ପୁସ୍ତକ, ପତ୍ର ପତ୍ରିକା ଇତ୍ୟାଦି ନିମନ୍ତେ ବ୍ୟବହାର କରିବାକୁ ଇଚ୍ଛାକଲେ ତନ୍ନିମନ୍ତେ ଆବେଦନ ପତ୍ର ବ୍ୟକ୍ତିଗତ ଭାବେ, ସାହିତ୍ୟ ସମାଜର ସମ୍ପାଦକ ବା ସହକାରୀ ସମ୍ପାଦକମାନଙ୍କ ପାଖେ ଦିନେକ ସନ୍ଧ୍ୟା ୫ ଘଣ୍ଟାରୁ ୮ ଘଣ୍ଟା ମଧ୍ୟରେ ସାହିତ୍ୟ ସମାଜ ଅଫିସରେ ଅନୁଗ୍ରହ କରି ଦେଇପିବେ ।

ଶ୍ରୀ ବଇକୁଣ୍ଠଚରଣ ପଟ୍ଟନାୟକ,

ସହକାରୀ ସମ୍ପାଦକ

—

ଜାମସେଦପୁରରେ ନରହତ୍ୟା

ହତ୍ୟାକାରୀ ଧରା ପଡ଼ିନାହିଁ

ଜାମସେଦପୁର ତା ୭।୮।୩୫

ଗତ ତା ୨।୮।୩୫ ଶୁକ୍ରବାର ରାତ୍ରରେ ମନ୍ଦ୍ରାଲବେଡ଼ା ହାଟ ଗୋଲ ନିକଟରେ ଗୋଟିଏ ଲୋକକୁ ଛୁରାଘାତ ଆଘାତ କରି ମାରି ପକାଇ ଦେଇଥିବାର ପରଦିନ ସକାଳୁ ଦେଖାଗଲା । ମୃତବ୍ୟକ୍ତି ଜଣେ କେଉଁ ଘର ଜଣାଯାଏ । ପରଦିନ ସକାଳୁ ଏ କଥା ସ୍ୱର୍ଣ୍ଣଅଞ୍ଚଳେ ବ୍ୟାପି ହୋଇଗଲା—ସାଙ୍ଗେ ସାଙ୍ଗେ ପୁଲିସ ଆସି ପଡ଼ିଲା ସମସ୍ତ ବିଷୟ ଅନୁସନ୍ଧାନ କରି ଲାସଟି ଥାନାକୁ ଉଠାଇ ନେଲେ । ମଲା ମଣିଷର ଘଣ୍ଟେ ଦୂରରେ ଗୋଟିଏ ଛୁରୀ ଓ କେତେଖଣ୍ଡ ଲୁଗାପଟା ପଡ଼ିଥିବାର ଦେଖାଗଲା । ହତ୍ୟାକାଣ୍ଡର ପ୍ରକୃତ ଇତିହାସ ଏପର୍ଯ୍ୟନ୍ତ ଜଣା ଯାଇନାହିଁ । ସହର ମଧ୍ୟରେ ସର୍ବଦା ଗଣ୍ଡଗୋଳ ପୁଲିସ ପହରା ମଧ୍ୟରେ ଏପରି କାଣ୍ଡ ଯେ ଘଟିପାରୁଛି ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ ।

—

କଂଗ୍ରେସର ଆଗାମୀ ବୈଠକ ଅଭ୍ୟର୍ଥନା ସମିତିର ସଭାପତି ପଦପାଇଁ ଶ୍ରୀଯୁକ୍ତ ସାକସେନା ପ୍ରାର୍ଥୀ ହେବେ ନାହିଁ

ଲକ୍ଷ୍ନୌ, ତା ୫।୮।୩୫

ଏଠାରେ କଂଗ୍ରେସର ଯେ ଆଗାମୀ ବୈଠକ ହେବ ତହିଁର ଅଭ୍ୟର୍ଥନା ସମିତିର ସଭାପତି ପଦ ପାଇଁ ଶ୍ରୀଯୁକ୍ତ ମୋହନଲାଲ ସାକସେନା ପ୍ରାର୍ଥୀ ହେବେ ନାହିଁ ବୋଲି ଜଣାଇ ଦେଇଛନ୍ତି । ଉକ୍ତଦିନ ପୂର୍ବେ ଲକ୍ଷ୍ନୌଠାରେ ଯୁକ୍ତପ୍ରଦେଶ ପ୍ରାଦେଶିକ କଂଗ୍ରେସ କାର୍ଯ୍ୟକାରୀ କମିଟି କଥା ସ୍ଥିର କରିଥିଲେ ଯେ ଲକ୍ଷ୍ନୌ ସହରର ଦୁଇଦଳ କଂଗ୍ରେସ କର୍ମୀଙ୍କ ଭିତରେ ଏ ମଧ୍ୟରେ କୌଣସି ମେଳାମେଶା ନହୋଇ ପାରିଲେ ପ୍ରାଦେଶିକ କଂଗ୍ରେସ କମିଟି କାର୍ଯ୍ୟ ହୋଇ କଂଗ୍ରେସ ଅଧିବେଶନ ଲକ୍ଷ୍ନୌଠାରେ ନକରି ଅନ୍ୟଠାରେ କରିବା କଥା ବିଚାର କରିବେ । ସେହି ଗୋଳମାଳ ଓ କଳାହକ ମେଣାଇବା ଉଦ୍ଦେଶ୍ୟରେ ବୋଧହୁଏ ଶ୍ରୀଯୁକ୍ତ ସାକସେନା ନିଜର ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିଛନ୍ତି ।

—

ଫିଲିପାଇନରେ ଭୀଷଣ ବନ୍ୟା

୧୨ ଜଣ ଲୋକ ବୁଡ଼ି ମରିଯାଇଛନ୍ତି

ହଜାର ହଜାର ଲୋକ ଗୃହଶୂନ୍ୟ

ମାନିଲ (ଫିଲିପାଇନ), ତା ୫।୮।୩୫

ଫିଲିପାଇନ ଦ୍ୱୀପପୁଞ୍ଜରେ ଭୟଙ୍କର ଝଡ଼ବର୍ଷା ଓ ତୋଫାନ ସାଙ୍ଗେ ସାଙ୍ଗେ ପ୍ରବଳ ବନ୍ୟା ହୋଇ ହଜାର ହଜାର ଲୋକଙ୍କ ଘରଦ୍ୱାର ଭାଙ୍ଗି ଭସାଇ ନେଇ ଗୃହଶୂନ୍ୟ ହୋଇ ପଡ଼ିଛନ୍ତି । ୧୨ ଜଣ ଲୋକ ମରିଯାଇଛନ୍ତି ଏବଂ କେତେ ଲୋକଙ୍କର ମୋଟେ ସନ୍ଧାନ ମିଳୁନାହିଁ । ଏ ବନ୍ୟା ଉତ୍ପାତ ପରେ ମଧ୍ୟ ଝଡ଼ ବର୍ଷା ଏବଂ ତୋଫାନ ଚାଲିଛି ।

—

ପ୍ରଥମ ଭାରତୀୟଙ୍କ ବୃତ୍ତି

ଇଂରାଜୀ କବିତାର ଗବେଷଣା କରିବେ

ଲଣ୍ଡନ, ତା ୬।୮।୩୫

ଯୁନିଭରସିଟି କଲେଜ ବିଶ୍ୱବିଦ୍ୟାଳୟରେ ୧୭ଶ ଶତାବ୍ଦୀର ଇଂରାଜୀ କବିତା ସମ୍ବନ୍ଧରେ ଆଲୋଚନା ଓ ଗବେଷଣା କରିବା ଲାଗି ଡାକ୍ତର ଇଉନୁସ ହୁସେନ ତୁରାଇଙ୍କୁ ୨ ବର୍ଷ ପାଇଁ ବର୍ଷକୁ ୧୫୦ ପାଉଣ୍ଡ କରି ବୃତ୍ତି ମିଳିଛି । ଭାରତୀୟମାନଙ୍କ ଭିତରେ ସେ ପ୍ରଥମ ହୋଇ ଏ ବୃତ୍ତି ପାଇଲେ ।

—

କଟକ ନାରୀହରଣ ମକଦ୍ଦମା

ଏପ୍ରିଲର ଭରତ ସିଂହ ଖଲାସ

୧୫ ତାରିଖ ରାୟ ବାହାରିବ

କଟକ, ତା ୮।୮।୩୫

କାଲି କୁଜ କଟକ ନଗରର ନାରୀହରଣ ମକଦ୍ଦମାର ଆସାମୀମାନଙ୍କ ଦୋଷୀ ବୋଲି ମତ ଦେଲା ପରେ ଆସାମୀପକ୍ଷ ମାମଲତକାରମାନେ ବଡ଼ ଉଦ୍‌ବ୍ରତ ହୋଇ ପଡ଼ିଛନ୍ତି । କାଶ୍ମୀରପୁର ଅଞ୍ଚଳର ଅଲ ଭରସା ଦେଇଛନ୍ତି କି ହାଇକୋର୍ଟରେ ଏମାନେ ନିଶ୍ଚୟ ଖଲାସ ହୋଇଯିବେ । ବର୍ତ୍ତମାନ ଅଫିସର ସବୁ କାଗଜପତ୍ର ଠିକ କରି ଏବଂ ବାରିଷ୍ଟରଙ୍କ ଖର୍ଚ୍ଚା ଯୋଗାଇବାପାଇଁ ଅର୍ଥ ସଂଗ୍ରହ କରିବାରେ ସେମାନେ ଲାଗି ଗଲେଣି । ତେବେ ଜଜ ସାହେବ ରାୟ ନ ଦେବାଯାଏ ଅଲ ବିଶେଷ କିଛି ନକରି କେବଳ ଅର୍ଥ ଯୋଗାଡ଼ରେ ଲାଗିବେ ବୋଲି ସେମାନଙ୍କ କଥାବାର୍ତ୍ତାରୁ ପ୍ରକାଶ ।

କାଲି ଏପ୍ରିଲର ଭରତ ସିଂହଙ୍କ ଖଲାସ କରି ଦିଆ ଯାଇଛି । ସେ କାହାରେ ଅସି ଜଜ ସର ବାଖରବାଦଠାରେ ରହିଛି ।

ଜଜ ସାହେବ କାଇ ରାୟ ଦେଇ ନାହାନ୍ତି । ଆସନ୍ତା ୧୪ ତାରିଖ କିମ୍ବା ୧୫ ତାରିଖ ଦିନ ରାୟ ଦେବେ ବୋଲି ଶୁଣା ଯାଉଛି । ୧୪ ତାରିଖ ଜନ୍ମାଷ୍ଟମୀ ଉପଲକ୍ଷେ କଚେରୀ ବନ୍ଦ ରହୁଥିବାରୁ ୧୫ ତାରିଖ ରାୟ ପ୍ରକାଶ ପାଇବ ବୋଲି ଅନୁମାନ କରାଯାଉଛି ।

—

ପାଣିପାଗ ରିପୋର୍ଟ

ଓଡ଼ିଶାରେ ବର୍ଷା କମିଛି

କଲିକତା, ତା ୭।୮।୩୫

କଲିକତା ଆଲିପୁର ସରକାରୀ ପାଣିପାଗ ଅଫିସ ରିପୋର୍ଟରୁ ପ୍ରକାଶ ଯେ ଗତ ୨୪ ଘଣ୍ଟା ଭିତରେ ଓଡ଼ିଶାର ବାଲେଶ୍ୱରରେ ଏକ ଇଞ୍ଚରୁ ଟିକିଏ ବେଶି ଏବଂ ଚାନ୍ଦବାଲିରେ ଅର୍ଦ୍ଧଇଞ୍ଚରୁ ବେଶି ବର୍ଷା ହୋଇଛି । ଅନ୍ୟତ୍ର ବର୍ଷା ନାହିଁ କହିଲେ ଚଳେ । ସ୍ଥାନେ ସ୍ଥାନେ କେବଳ ସାମାନ୍ୟ ଝିପି ଝିପି ବର୍ଷା ହୋଇଛି ।

ଆଗାମୀ ୨୪ ଘଣ୍ଟା ଭିତରେ ଓଡ଼ିଶାରେ ସ୍ଥାନେ ସ୍ଥାନେ ଝିପି ଝିପି ବର୍ଷା ହେବ ବୋଲି ସୂଚନା ଦେଖା ଯାଉଛି ।

କଟକରେ ବର୍ଷା ଅଭାବରୁ ଭୟଙ୍କର ଗରମ ହେଉଛି । କାଲି ରାତିଠାରୁ ମେଘ ଘୋଡ଼ା ଘୋଡ଼ି କରୁଛି, ବର୍ଷା ଦେଖା ନାହିଁ ।

—

ମହାନଦୀରେ ବନ୍ୟା

ଗୋରୁ ମଇଁଷି ଓ ଘରସରଞ୍ଜାମ ଭାସିଯାଉଛି

ଅମ୍ବାଭୋନା ତା ୪।୮।୩୫

ସମ୍ବଲପୁର ଜିଲାର ଅମ୍ବାଭୋନା ଥାନା ନିକଟବର୍ତ୍ତୀ ମହାନଦୀରେ ବର୍ତ୍ତମାନ ଖର ବନ୍ୟା ମାଡ଼ିଯାଉଛି । ଉକ୍ତ ପ୍ରବାହରେ ଏହି ବନ୍ୟାରେ ଗୋରୁ, ମଇଁଷି, ଗଛ, ଘରମାନ ପାଣିରେ ଭାସି ଯାଉଥିଲା । ଶୁଣାଯାଏ ସାରଙ୍ଗଡ଼ଠାରେ ମହାନଦୀର ଗୋଟିଏ ଉପନଦୀରେ ଭୀଷଣ ବନ୍ୟା ହୋଇ ସେ ଗାଁର ଛଅଟି ଘରକୁ ସବୁ ଏକାବେଳକେ ବୋହି ନେଇ ଯାଇଛି । ମହାନଦୀ ସ୍ରୋତରେ ସେ ସବୁ ଭାସି ଯାଉଅଛି ।

—

ସମ୍ବଲପୁର ସମ୍ବାଦ

ସମ୍ବଲପୁର, ତା ୬।୮।୩୫

ଡାକ୍ତର ଲକ୍ଷ୍ମଣ ରଥ ଯୋଗବାଶିଷ୍ଠ ରାମାୟଣରୁ ସାତ ଭାଗରେ ବଛି କରି ଲେଖିଥିବା ବିଷୟ 'ସମାଜ'ରେ ପ୍ରକାଶ ପାଇଥିଲା ଓ ତହିଁର ପ୍ରକାଶ ପାଇଁ ମୁଦ୍ରଣ ଖର୍ଚ୍ଚ ବହନ କରିବାକୁ ସବାସ୍ଥ ସାହିତ୍ୟ ପ୍ରେମୀମାନଙ୍କ ସହାନୁଭୂତି ଭିକ୍ଷା କରୁ ହୋଇଥିଲା । ସୁଖର କଥା ପାଟଣା ମହାରାଜ ଷ୍ଟେଟର ଆଗାମୀ ବର୍ଷର ବଜେଟ ଠିକ କରିବା ବେଳେ ଏ ବିଷୟ ବିଚାର କରିବେ ବୋଲି ଅଙ୍ଗୀକାର କରିଅଛନ୍ତି । ଆଶାକରୁ ମହାରାଜା ମହୋଦୟ ଏ ଖର୍ଚ୍ଚ ମଞ୍ଜୁର କରି ସାହିତ୍ୟ ଜଗତରେ ରଥ ମହାଶୟଙ୍କ ସମୁଚିତ ଉତ୍ସାହିତ କରିବେ ।

ସମ୍ବଲପୁର ଏଥ୍‌ଲେଟିକ ଏସୋସିଏସନ ୩ ତାରିଖ ଦିନ ୧୯୩୫ ସାଲର ଶିଲ୍ଡ ଓ କପ୍ ମ୍ୟାଚ ଖେଳ ସବୁର ନିର୍ଘଣ୍ଟ ପ୍ରସ୍ତୁତ କରି ସାରିଛନ୍ତି । ତହିଁର ନକଲ ନିମ୍ନରେ ପ୍ରଦତ୍ତ ହେଲା ।

ରାୟ ବାହାଦୁର ଶିଲ୍ଡ

First Round

୧୦।୮।୩୫ ଟାଉନ ସ୍ପୋର୍ଟିଙ୍ଗ ସଙ୍ଗରେ ହନମାନ, ୧୩।୮।୩୫ ସୋମଲଇ 'ବି' ସଙ୍ଗରେ ଜିଲା ସ୍କୁଲ, ୨୧।୮।୩୫ ସୋମଲଇ ଏ ସଙ୍ଗରେ ସୁନ୍ଦରଗଡ଼ ସ୍କୁଲ, ଝାରସୁଗୁଡ଼ା ଟାଉନ (Bye)

Semi Finals

୨୪।୮।୩୫ ସୋମଲଇ ଏ ଓ ସୁନ୍ଦରଗଡ଼ ସ୍କୁଲ ଭିତରେ ଜିତିଥିବା ଟିମ ସଙ୍ଗରେ ଝାରସୁଗୁଡ଼ା ଟାଉନ, ୨୮।୮।୩୫ ଟାଉନ ସ୍ପୋର୍ଟିଙ୍ଗ ଓ ହନମାନ ଭିତରୁ ଜିତିଥିବା ଟିମ ସଙ୍ଗରେ ସୋମଲଇ ବି ଓ ଜିଲା ସ୍କୁଲ ମଧ୍ୟରୁ ଜିତାଳି ।

Final

୭।୯।୩୫ ଟାଉନ ସ୍ପୋର୍ଟିଙ୍ଗ, ହନମାନ, ସୋମଲଇ ବି ଓ ଜିଲାସ୍କୁଲ ମଧ୍ୟରେ ଜିତିଥିବା ଟିମ ସଙ୍ଗରେ ସୋମଲଇ ଏସ, ସୁନ୍ଦରଗଡ଼ ସ୍କୁଲ ଓ ଝାରସୁଗୁଡ଼ା ଟାଉନ ମଧ୍ୟରେ ଜିତିଥିବା ଟିମ ।

ମେଣ୍ଟ ଶିଲ୍ଡ

First Round

ଟାଉନ ସ୍ପୋର୍ଟିଙ୍ଗ, ସୋମଲଇ ବି ଓ ସୋମଲଇ ଏସ (Bye)

୧୮।୮।୩୫ ଝାରସୁଗୁଡ଼ା ରେଲୱେ ସଙ୍ଗରେ ଜିଲା ସ୍କୁଲ ।

Semi Finals

୩୧।୮।୩୫ ଟାଉନ ସ୍ପୋର୍ଟିଙ୍ଗ ସଙ୍ଗରେ ଝାରସୁଗୁଡ଼ା ରେଲୱେ ଓ ଜିଲାସ୍କୁଲର ଜିତାଳି । ୩।୯।୩୫ ସୋମଲଇ ବି ସଙ୍ଗରେ ସୋମଲଇ ଏସ ।

Final

୧୪।୯।୩୫ ଟାଉନ ସ୍ପୋର୍ଟିଙ୍ଗ, ଝାରସୁଗୁଡ଼ା ରେଲୱେ ଓ ଜିଲାସ୍କୁଲ ମଧ୍ୟରେ ହୋଇଥିବା ଖେଳର ଜିତାଳିଙ୍କ ସଙ୍ଗରେ ସୋମଲଇ ବି ଓ ସୋମଲଇ ଏସର ଜିତାଳି ।

ହେଡ଼ମାଷ୍ଟର କପ୍

Final

୧୧।୯।୩୫ ଚନ୍ଦ୍ରଧରପୁର ଓ ଜିଲାସ୍କୁଲ ।

ଫାଇନେଲ ଖେଳ ଛଡ଼ା ଝାରସୁଗୁଡ଼ା ଟିମମାନଙ୍କ ସଙ୍ଗରେ ହେଉଥିବା ଅନ୍ୟ ଖେଳସବୁ ସୋମଲଇ ଖେଳ ପଡ଼ିଆରେ ହେବ । ଯେଉଁ ଦିନମାନଙ୍କରେ ଝାରସୁଗୁଡ଼ା ଟିମମାନଙ୍କ ସଙ୍ଗେ ଖେଳ ହେବ, ସେ ଦିନମାନଙ୍କରେ ଠିକ ୪ଟା ୧୦ ମିନଟ ବେଳେ ଖେଳ ଆରମ୍ଭ ହେବ । ଅନ୍ୟ ଖେଳ ସବୁର ସମୟ ଓ ସ୍ଥାନ ସ୍ଥିର ହୋଇନାହିଁ । ଯେଉଁ ଟିମମାନେ ଖାଇବା ଓ ରହିବା ସକାଶେ ବନ୍ଦୋବସ୍ତର ସୁଯୋଗ ପାଇବାକୁ ଚାହାନ୍ତି ସେମାନଙ୍କ ଏସୋସିଏସନ ସେକ୍ରେଟେରୀଙ୍କୁ ତୁଇଦିନ ଆଗରୁ ଜଣାଇବାକୁ ହେବ । ଝାରସୁଗୁଡ଼ା ଟିମମାନଙ୍କ ସଙ୍ଗରେ ହୋଇଥିବା ଖେଳ ଛଡ଼ା ଅନ୍ୟ ଖେଳମାନଙ୍କରେ Drawn ହୋଇଥିଲେ ଖେଳର ପରଦିନ ପୁଣି ଖେଳ ହେବ ।

—

Printed and Published by Radhanath Rath, for the Peopraliti Lahore, at The Satyabadi Press, Cuttack,

ସମ୍ପାଦକ—ଲିଙ୍ଗରାଜ ମିଶ୍ର

ପରିଚାଳକ—ରାଧାନାଥ ରଥ